# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 08th July - 2024

### News Editor : *Itishree Singh Rathaur*

***********************************

***Puri/R***

# ପୁରୀ ରଥଯାତ୍ରା

ପୁରୀ ବଡ଼ଦାଣ୍ଡରେ ଅଟକି ରହିଥିବା ଶ୍ରୀଜିଉମାନଙ୍କର ରଥଟଣା ଆଜି ସକାଳ ୮ଟାରୁ ପୁଣି ଆରମ୍ଭ ହେବ । ଗୋଟିଏ ଦିନରେ ଗତକାଳି ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୋଇଥିବାରୁ ନୀତିନିର୍ଘଣ୍ଟରେ ବିଳମ୍ବ ହୋଇଥିଲା । ସେଥିପାଇଁ ଧାର୍ଯ୍ୟ ସମୟ ମଧ୍ୟରେ ରଥଗୁଡ଼ିକ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିପାରି ନ ଥିଲେ । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥଙ୍କ ପରେ ସୁଭଦ୍ରାଙ୍କ ଦେବଦଳନ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାର ପାଖରୁ ଟଣା ଆରମ୍ଭ ହେବ । ମିଳିଥିବା ସୂଚନା ଅନୁସାରେ ରଥାରୂଢ଼ ତିନି ଠାକୁରଙ୍କର ପୂଜାର୍ଚ୍ଚନା ଏବଂ ଅନ୍ୟ ନୀତିକାନ୍ତି ରଥରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହେବ । ଆସନ୍ତାକାଲି ଶ୍ରୀଜିଉମାନେ ଜନ୍ମବେଦୀକୁ ବିଜେ କରିବେ ।

*Desk*

# ରାଷ୍ଟ୍ରପତି

ଚାରିଦିନିଆ ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ତାଙ୍କର ଗସ୍ତର ତୃତୀୟ ଦିନରେ ଭୁବନେଶ୍ୱର ଉଦୟଗିରି ଗୁମ୍ଫା ପରିଦର୍ଶନ କରିବା ସହ ବିଭୁତି କାନୁନ୍‌ଗୋ କଲେଜ୍ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ସହ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି। ଭୁବନେଶ୍ୱର ଉପକଣ୍ଠ ହରିଦାମଡ଼ା ଗ୍ରାମରେ ବ୍ରହ୍ମକୁମାରୀଙ୍କ ଦିବ୍ୟ ରିଟ୍ରିଟ୍ ସେଣ୍ଟରକୁ ଆଜି ଶ୍ରୀମତୀ ମୁର୍ମୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ଆସନ୍ତାକାଲି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଭୁବନେଶ୍ୱରଠାରେ ନାଇଜର୍'ର ତ୍ରୟୋଦଶତମ ଦୀକ୍ଷାନ୍ତ ସମାରୋହରେ ଯୋଗଦେବେ ।

*Desk*

# ବି.ଟେକ୍ କାଉନ୍‌ସେଲିଂ

ରାଜ୍ୟର ସରକାରୀ ଓ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନର ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାପାଇଁ ଆଜିଠାରୁ କାଉନ୍‌ସେଲିଂ ପ୍ରକ୍ରିୟା ଆରମ୍ଭ ହେଉଛି । ଛାତ୍ରଛାତ୍ରୀମାନେ ojee.nic.in odishajee.com ୱେବ୍‌ସାଇଟ୍‌ରୁ କାଉନ୍‌ସେଲିଂ ସମ୍ପର୍କରେ ଅଧିକ ତଥ୍ୟ ପାଇପାରିବେ ।

***Desk***

# ମେଡିକାଲ୍ ସିଟ୍

ଚଳିତ ଶିକ୍ଷାବର୍ଷରେ ରାଜ୍ୟରେ ଆଉ ଦୁଇଟି ମେଡିକାଲ୍ କଲେଜରେ ଏମ୍.ବି.ବି.ଏସ୍. ପାଠ୍ୟକ୍ରମରେ ନାମଲେଖା ଯିବ । ଯାଜପୁର ଏବଂ ଭବାନୀପାଟଣା ମେଡିକାଲ୍ କଲେଜରେ ମୋଟ୍ ୧୫୦ଟି ସିଟ୍‌ରେ ଛାତ୍ରଛାତ୍ରୀମାନଙ୍କର ନାମ ଲେଖାଯିବ । ଯାଜପୁର ମେଡିକାଲ୍ କଲେଜରେ ୫୦ଟି ସିଟ୍ ଏବଂ ଭବାନୀପାଟଣା ମେଡିକାଲ୍ କଲେଜରେ ୧୦୦ଟି ସିଟ୍‌ରେ ନାମ ଲେଖାଯିବ । ଏହି ଦୁଇଟି ମେଡିକାଲ୍ କଲେଜରେ ୧୫୦ଟି ଏମ୍.ବି.ବି.ଏସ୍. ସିଟ୍ ବୃଦ୍ଧି ପାଇବା ପରେ ରାଜ୍ୟରେ ଘରୋଇ ଏବଂ ସରକାରୀ ମେଡିକାଲ୍ କଲେଜରେ ଏମ୍.ବି.ବି.ଏସ୍. ସିଟ୍ ସଂଖ୍ୟା ୨ ହଜାର ୫୨୫କୁ ବୃଦ୍ଧି ପାଇଛି । ଯାଜପୁର ଓ ଭବାନୀପାଟଣାକୁ ମିଶାଇ ରାଜ୍ୟରେ ସରକାରୀ ମେଡିକାଲ୍ କଲେଜ ସଂଖ୍ୟା ୧୨ ହୋଇଛି ।

***Desk***

# +୩ ପାଠପଢ଼ା

ଚଳିତ ଶିକ୍ଷାବର୍ଷର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅଗଷ୍ଟ ପହିଲାରୁ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି । ରାଜ୍ୟର ୧ ହଜାର ୫୬ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ୨ ଲକ୍ଷ ୭୪ ହଜାର ୧୫୧ଟି ସିଟ୍ ରହିଛି । ପ୍ରଥମ ପର୍ଯ୍ୟାୟରେ ୯୨ ହଜାର ୨୪୨ ଜଣ

ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଅବଶିଷ୍ଟ ଛାତ୍ରଛାତ୍ରୀମାନଙ୍କ ନାମଲେଖା ପ୍ରକ୍ରିୟା ଜାରି ରହିଛି ।

***Desk***

## ଖାଦ୍ୟ ସୁରକ୍ଷା ଓ ମାନକ

ଖାଦ୍ୟସାମଗ୍ରୀ ପ୍ୟାକେଟଗୁଡ଼ିକର ସାମ୍ନାପଟରେ ପୋଷଣ ସମ୍ପର୍କିତ ସମସ୍ତ ବିବରଣୀ ଉଲ୍ଲେଖ କରିବା ପାଇଁ  ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍.ଏସ୍.ଏସ୍.ଏ.ଆଇ.) ନିର୍ଦ୍ଦେଶନାମା ଜାରି କରିଛନ୍ତି। ବଜାରରେ ବିକ୍ରୀ ହେଉଥିବା ଖାଦ୍ୟ ପ୍ୟାକେଟ୍ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଖାଦ୍ୟରେ କେତେ ପରିମାଣର ଶର୍କରା, ଲବଣ ଏବଂ ସନ୍ତୁଳିତ ଚର୍ବି  ରହିଛି ସେ ସମ୍ପର୍କରେ ସମସ୍ତ ତଥ୍ୟ ବଡ଼ ବଡ଼ ଅକ୍ଷରରେ ଉପସ୍ଥାପନ କରିବାକୁ ପଡିବ। ଖାଦ୍ୟ ସୁରକ୍ଷା ମାନକ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅପୂର୍ବ ଚନ୍ଦ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି।

***Sambalpur/R***

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୮୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶାନ୍ତିଶ୍ରୀ

ଧୁଲିପୁଡ଼ି ପଣ୍ଡିତ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରିଥିଲେ ।

***Met. O.***

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାସହିତ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବା ଯୋଗୁଁ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଦକ୍ଷିଣ ଏବଂ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ବିଜୁଳି ଘଡ଼ଘଡି ସହିତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ୯୨ ମିଲିମିଟର ବର୍ଷା ହୋଇଥିବାବେଳେ ଶୂଳିଆପଦାରେ ୭୮ ମିଲିମିଟର ଏବଂ ଜାମଶୋଳା ଘାଟରେ ୬୦ ଦଶମିକ ୬ ମିଲିମିଟର ବର୍ଷା ହୋଇଥିଲା । ଅନୁଗୁଳ, ବରଗଡ଼, ନୟାଗଡ଼, ବୌଦ୍ଧ, ନୂଆପଡ଼, ରାୟଗଡ଼ା, କଟକ, ଖୋର୍ଦ୍ଧା ଏବଂ ଗଞ୍ଜାମ ଜିଲ୍ଲାର ଅନେକ ସ୍ଥାନରେ ମଧ୍ୟ ବର୍ଷା ହୋଇଥିଲା । ଭୁବନଶ୍ୱେରରେ ଗତକାଲି ୫୨ ଦଶମିକ ୬ ମିଲିମିଟର ଏବଂ କଟକରେ ୪୬ ଦଶମିକ ୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି ।

*****